# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**5 November – 2025**

# ମୁଖ୍ୟମନ୍ତ୍ରୀ-ପାରାଦୀପ

ଜଗତସିଂହପୁର ଜିଲ୍ଲାର ପାରାଦୀପ ଠାରେ ଏୟାରପୋର୍ଟ ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପାରାଦୀପରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାକୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ପାରାଦୀପର ବିକାଶ ପାଇଁ ୧ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ । ପାରାଦୀପକୁ ଗ୍ରୀନ୍ ହାଇଡ୍ରୋଜେନ୍‌ର ପେଣ୍ଠସ୍ଥଳ କରାଯିବ । ଏଠାରେ ମଙ୍ଗଳା ନଦୀରେ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ ପାଇଁ ସରକାର ୫୦୦ କୋଟି ଟଙ୍କା ବ୍ୟୟ କରିବେ । ପାରାଦୀପକୁ ପୂର୍ବଭାରତର ବିକାଶପଥ ଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଜାରି ରହିଥିବା ଶ୍ରୀ ମାଝୀ କହିଛନ୍ତି ।

**V/O**

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ ଆଜିଠାରୁ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାର ଉଦ୍‌ଘାଟନ କରିବେ। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍ କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଉଛନ୍ତି। ୮ ଦିନ ଧରି

ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବାଲିଯାତ୍ରା ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

**V/O**

---

# ବୋଇତବନ୍ଦାଣ କାର୍ଯ୍ୟକ୍ରମ

ପ୍ରାଚୀନ ଉତ୍କଳୀୟ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଥିବା ପରିଲକ୍ଷିତ ହୋଇଛି ।

କଟକ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।

ପୁରୀ ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ବୋଇତ ଭସାଣ ହେଉଛି । ଭୁବନେଶ୍ୱର ବିନ୍ଦୁସାଗରରେ ମଧ୍ୟ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

---

# ଶ୍ରୀଜୀଉଙ୍କ ସୁନାବେଶ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହେଉଛି । ଏଥିପାଇଁ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କାର୍ତ୍ତିକ ପୂର୍ଣ୍ଣମୀ ଓ ହବିଷ ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ବ୍ରହ୍ମପୁର–ପୁରୀ ପାସେଞ୍ଜର, ପୁରୀ-ବ୍ରହ୍ମପୁର ପାସେଞ୍ଜର ଓ ପୁରୀ-ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି ।

କେନ୍ଦ୍ରାପଡ଼ାର ଆରାଧ ଦେବତା ଶ୍ରୀବଳଦେବଜୀଉଙ୍କର ଗତକାଲି ବକାସୁର ସଂହାର ବେଶ ଅନୁଷ୍ଠିତ ହୋଇଯାଇଛି । ସାହାଣ ମେଳାରେ ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାବେଶ ହୋଇଥିଲା ।

ଭଦ୍ରକ ଜିଲ୍ଲା ଆରଡିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ  କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

ମଣିବାବା ହରଗୌରୀ ଦିଗମ୍ବର ପଞ୍ଚାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

## ରାଜ୍ୟପାଳ-ସମୀକ୍ଷା

ରାଜ୍ୟର ଆକାଂକ୍ଷୀ ଜିଲ୍ଲାମାନଙ୍କରେ ସମସ୍ତ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ନେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱପ୍ରଦାନ କରିଛନ୍ତି ।  ରାଜ୍ୟପାଳ ରାଜଭବନର ନିଉ ଅଭିଷେକ ହଲ୍‌ଠାରେ ୧୦ଟି ଆକାଂକ୍ଷୀ ଜିଲ୍ଲା ଓ ୪୦ଟି ଆକାଂକ୍ଷୀ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଆଦିବାସୀ ଛାତ୍ରୀମାନଙ୍କ ସାକ୍ଷରତା ହାରରେ ଉନ୍ନତି, ଆନ୍ତଃଜିଲ୍ଲା ସଡ଼କ ସଂଯୋଗୀକରଣ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଶତପ୍ରତିଶତ ମୋବାଇଲ୍ ନେଟଓ୍ୱାର୍କ ଉପଲବ୍ଧତା ଉପରେ ଧ୍ୟାନ ଦେବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୬ତମ ପ୍ରକାଶ ପର୍ବ ଆଜି ପାଳନ କରାଯାଉଛି। ୧୪୬୯ ମସିହା କାର୍ତ୍ତିକ ମାସ ପୂର୍ଣ୍ଣମୀ ଦିନ ଶ୍ରୀ ନାନକ ଦେବ ଜୀ’ ଲାହୋରର ରାଇ ଭୋଇ କି ତାଲଓ୍ୱଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ଲାହୋରର ନାନକାନା ସାହେବ ଭାବେ ପରିଚିତ।

ଏହି ପର୍ବ ପାଳନ ଅବସରରେ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଶ୍ରୀ ହରିମନ୍ଦିର ସାହିବ, ଶ୍ରୀ ଅକଳ ତକତ ସାହିବ ଏବଂ ଗୁରୁଦ୍ୱାରା ବାବା ଅଟଳ ରାଏରେ ଗୁରୁଜୀଙ୍କ ବ୍ୟବହୃତ ପବିତ୍ର ସାମଗ୍ରୀ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ହୋଇଛି। ଅମୃତସରର ଶ୍ରୀ ହରିମନ୍ଦିର ସାହିବ ସ୍ୱର୍ଣ୍ଣ ମନ୍ଦିର ତଥା ଅନ୍ୟାନ୍ୟ ଗୁରୁଦ୍ୱାରଗୁଡ଼ିକୁ ବିଭିନ୍ନ ରଙ୍ଗର ଫୁଲ ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଗୁରୁବାଣୀ ପାଠ ସହିତ ଲଙ୍ଗର ପରିବେଷଣ କରାଯାଉଛି।

## ମୁଖ୍ୟ ଶାସନ ସଚିବ ବୈଠକ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷରେ ଗତ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଆଲୋଚନା କରାଯାଇଥିଲା । ୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ଚଳିତବର୍ଷ ଖର୍ଚ୍ଚର ପରିମାଣ ୧୩ ପ୍ରତିଶତ ବୃଦ୍ଧି ପାଇବା ସହ ଅଭିବୃଦ୍ଧି ହାରରେ ଉନ୍ନତି ପରିଲକ୍ଷିତ ହୋଇଥିବା ବୈଠକରୁ ଜଣାପଡ଼ିଛି ।

## ସ୍ୱାସ୍ଥ୍ୟ ଶିବିର

ଭଦ୍ରକର ପଞ୍ଚାୟତ ସମିତି, ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ

୩୬ଟି ପଞ୍ଚାୟତ ସମେତ ପୌରାଞ୍ଚଳ ସଦର ମହକୁମାର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

.....................................................................................